




# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୭ ଜାନୁଆରୀ ୨୦୨୬ ବୁଧବାର ପୃଷ୍ଠା ୫


# କିଶୋର ଜୀବନର ସମସ୍ୟା






**କୈ**ଶୋର ଜୀବନର ଏପରି ଏକ ସମୟ ଯାହାର ମାଦକତା ସାରା ଜୀବନକୁ ସୁବାସିତ କରିଥାଏ । ଏହାକୁ ଇଂରାଜୀରେ ଟିନ୍‌ଏଜ୍ କୁହାଯାଏ । ଯୁଗେ ଯୁଗେ ଏହି ସମୟଟି ସାମ୍ପ୍ରତିକ ପରିସ୍ଥିତି ଓ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାଏ । ଆଧୁନିକତାର ସ୍ପର୍ଶରେ କିଶୋର ଜୀବନ ଏବେ ଚଞ୍ଚଳ ହେବା ସହିତ ଜୀବନ ଶୈଳୀରେ ପରିବର୍ତ୍ତନ କେତେକ ଭୟାବହ ସମସ୍ୟା ନେଇ ଆସୁଛି ।

ପରସ୍ପର ପ୍ରତି ଅସହିଷ୍ଣୁତା, ବ୍ୟକ୍ତିଗତ ଆକ୍ରୋଶ ବା ସମଷ୍ଟିଗତ କଳହର ରୂପ ନେଉଛି । ଦୁଃସାହସିକ କାର୍ଯ୍ୟ ପ୍ରତି ଆକର୍ଷଣ ଯଥା– ବେପରୁଆ ଭାବରେ ଗାଡି ଚଳାଇବା, ଦେବଦେବୀଙ୍କ ମୂର୍ତ୍ତି ବିସର୍ଜନ କରିବାକୁ ଯାଇ ଗଭୀର ଜଳକୁ ଯିବା, ସନ୍ତରଣ ନଜାଣି ସମୁଦ୍ର ଭିତରକୁ ଯିବା, ଖୁବ୍ ଉଚ୍ଚରୁ ଲମ୍ଫ ପ୍ରଦାନ କରିବା ଇତ୍ୟାଦି ଦୁର୍ଘଟଣା ବୃଦ୍ଧି କରୁଛି । ସାମାନ୍ୟ ଉପଦେଶ ଓ ସଂଯମତା ଦ୍ୱାରା ଏସବୁ ସମସ୍ୟାର ପ୍ରତିରୋଧ କରିହେବ ଓ ଅନେକ ଜୀବନ ରକ୍ଷା ହୋଇପାରିବ ।

ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ, ଜଳ ସମାଧି ସହ ଆତ୍ମହତ୍ୟା ଉଦ୍ୟମ ବର୍ତ୍ତମାନ କିଶୋରମାନଙ୍କ ମଧ୍ୟରେ ବୃଦ୍ଧି ପାଉଛି । ପ୍ରେମଜନିତ ଭାବ ପ୍ରବଣତା ଓ ବନ୍ଧୁମାନଙ୍କ ସହିତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଫଳରେ ମାନସିକ ଚାପ ବୃଦ୍ଧି ପାଉଛି । ଭଲ ସ୍କୁଲରେ ପଢ଼ିବା ପାଇଁ ଚାପ, ଅଧିକ ମାର୍କ ରଖିବା ପାଇଁ ଚାପ ଏବଂ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହେବା ପାଇଁ ଚାପ ଇତ୍ୟାଦି ମାନସିକ ଦୁଃଶ୍ଚିନ୍ତାକୁ ଦ୍ୱିଗୁଣିତ କରୁଛି ।

ଧୂମପାନ କିଶୋରମାନଙ୍କ ମଧ୍ୟରେ ଧିରେ ଧିରେ ବୃଦ୍ଧି ପାଉଛି । ପ୍ରତିଦିନ ଆମ ଦେଶରେ ୬ହଜାର ୧୮ ବର୍ଷରୁ କମ୍ ବର୍ଷର କିଶୋର ଧୂମପାନ କରୁଛନ୍ତି, ଏହାକୁ ସେମାନେ ଆଧୁନିକତା ମନେ କରୁଛନ୍ତି । ପ୍ରାୟ ଶତକଡ଼ା ନବେ ଧୂମପାନ କରୁଥିବା ବ୍ୟକ୍ତି ୨୧ ବର୍ଷ ବୟସ ପୂର୍ବରୁ ଧୂମପାନ ଆରମ୍ଭ କରିଥାନ୍ତି ବୋଲି ଜଣାପଡିଛି । ପ୍ରତିବର୍ଷ ପୃଥିବୀରେ ୪୩ ହଜାର ଲୋକ ଧୂମପାନ ଜନିତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ୩୦ ପ୍ରତିଶତ ଫୁସ୍‌ଫୁସ୍ କ୍ୟାନସର ଧୂମପାନ ହେତୁ ହୋଇଥାଏ । ଗୁଣ୍ଡି, ଗୁଡ଼ାଖୁ, ସିଗାରେଟ୍, ବିଡି, ଗୁଟ୍‌ଖା, ଖଇନି, ଇତ୍ୟାଦି ରକ୍ତରେ ନିକୋଟିନ୍ ମାତ୍ରା ବୃଦ୍ଧି କରାଇ ସ୍ନାୟୁ ଉତ୍ତେଜନା ବଢାଏ ଓ ଅମ୍ଳପିତ୍ତ ରୋଗ କରାଇଥାଏ ।

ବର୍ତ୍ତମାନ କିଶୋରମାନଙ୍କ ମଧ୍ୟରେ ଚାରିତ୍ରିକ ଅଧୋଗତିର ମୁଖ୍ୟ କାରଣ ହୋଇଛି ମଦ୍ୟପାନ । କିନ୍ତୁ ସେମାନେ ଏହାକୁ ଆଭିଜାତ୍ୟ ମନେକରନ୍ତି । ବଡମାନଙ୍କ ପକ୍ଷରୁ ଉପଯୁକ୍ତ ଦିଗ୍‌ଦର୍ଶନର ଅଭାବ ଓ କେତେକ କ୍ଷେତ୍ରରେ ସେମାନଙ୍କର ପ୍ରଭାବ ଫଳରେ ମଦ୍ୟପାନ ବୃଦ୍ଧିପାଉଛି । ଯାହାର ପ୍ରଭାବ, ସାମାଜିକ ଅପରାଧ ଓ ଚାରିତ୍ରିକ ସ୍ଖଳନ ଇତ୍ୟାଦି ଭାବରେ ଦେଖାଦେଉଛି ।

ମଦ୍ୟପାନ ପରେ ରକ୍ତରେ ମଦର ପରିମାଣ ବ୍ୟକ୍ତିର ବ୍ୟବହାରକୁ ପ୍ରଭାବିତ କରିଥାଏ । ରକ୍ତରେ ମଦର ମାତ୍ରା ଅନୁସାରେ ବ୍ୟବହାରରେ ପରିବର୍ତ୍ତନ ଆସିଥାଏ । ମଦ ପିଇବା ପରେ ରକ୍ତର ଆଲ୍‌କୋହଲ ପରିମାଣକୁ ମିଗ୍ରା ପରସେଣ୍ଟ ବା ୧୦୦ ମିଲି ରକ୍ତରେ କେତେ ମିଲିଗ୍ରାମ ଆଲ୍‌କହଲ ବା ମଦ ରହୁଛି ସେଥିରେ ପ୍ରକାଶ କରାଯାଏ ।

ରକ୍ତରେ ଆଲକୋହଲ ପରିମାଣ ୨୫ରୁ ୧୦୦ ମି.ଗ୍ରା ରହିଲେ ମାନସିକ ଉତ୍ତେଜନା ବଢେ । ୧୦୦ରୁ ୨୦୦ ମି.ଗ୍ରା ରହିଲେ ଶରୀରରେ ବିଷାକ୍ତ ପ୍ରକ୍ରିୟା ବୃଦ୍ଧି ପାଏ । ନିଶାସକ୍ତ ବ୍ୟକ୍ତି ଠିକ୍ ଭାବରେ କଥା କହିପାରେନି, କାମ କରିପାରେନି ଓ ଚାଲିପାରେନି ଏବଂ ଚକ୍ଷୁ ସ୍ଥିର ରହେନାହିଁ । ଶରୀରରେ ଏହି ମାତ୍ରା ୨୦୦ରୁ ୩୦୦ମି.ଗ୍ରାରେ ପହଞ୍ଚିଲେ ଏହି ସ୍ଥିତି ଆହୁରି ଉତ୍କଟ ହୁଏ ।

ଆଲକୋହଲ ପରିମାଣ ୩୦୦ରୁ ୩୫୦ ମି.ଗ୍ରା ହେଲେ ସନିପାତ ହୋଇପାରେ । ଦେହରୁ ଅଣ୍ଡାଝାଳ ବାହାରେ ଓ ଅତି କଷ୍ଟରେ ପଦେ ପଦେ କଥା କହିହୁଏ । ଏହା ୩୫୦ରୁ ୪୦୦ ମି.ଗ୍ରାରେ ପହଞ୍ଚିଲେ ଚେତା ଶୂନ୍ୟ ହୋଇ ଶ୍ୱାସକ୍ରିୟା ବନ୍ଦ ହୋଇଆସେ । ଶରୀରରେ ଆଲକୋହଲ ପରିମାଣ ୪୦୦ ମିଗ୍ରାରୁ ଅଧିକ ହେଲେ ମୃତ୍ୟୁ ହୋଇପାରେ ।

ଏହା ବ୍ୟତୀତ ଗଞ୍ଜେଇ, ଅଫିମ, ଭାଙ୍ଗ, କୋକେନ, ନିଶାଯୁକ୍ତ ଅଣ୍ଡାକାଶ ଔଷଧ, ମୋଟା ହେବାପାଇଁ ଷ୍ଟେରଏଡ଼ ଆଦିର ସେବନ କିଶୋର ଗୋଷ୍ଠୀରେ ବଢିବାରେ ଲାଗିଛି । ଏହାର କୁପ୍ରଭାବ ଶରୀର ଉପରେ ପଡ଼ିବାରେ ଲାଗିଛି । ନିଶା ଔଷଧ ସେବନ ଫଳରେ ହୃଦୟର ଗତି ବୃଦ୍ଧି ପାଏ, ସ୍ମରଣ ଶକ୍ତି ହ୍ରାସପାଏ ଓ ମନ ଅସ୍ଥିର ଲାଗେ । ଖାଦ୍ୟ ଓ ଶୟନରେ ଅନିୟମିତତା, ସ୍ନାୟୁ, ବୃକକ୍ ଓ ଯକୃତ୍ ରୋଗ ହୋଇଥାଏ । କୈଶୋର ପ୍ରାରମ୍ଭରେ ଯୌବନର ଅୟମାରମ୍ଭ ହୋଇଥାଏ । ଯାହାକି ଶାରୀରିକ ପରିବର୍ତ୍ତନ କରାଇ ମଧୁର ଅନୁଭୂତି ଜାଗ୍ରତ କରାଏ । ଏହି ସମୟରେ ସଂଯମତା ଆଚରଣ ନକଲେ, ଯୌନରୋଗ ଏଡ଼ସ୍, କୁମାରୀ ମାତୃତ୍ୱ ଇତ୍ୟାଦି ବିପଦର ସମ୍ଭାବନା ରହିଛି । ତେଣୁ ଏହି ସମୟରେ ଯୌନ ଶିକ୍ଷାର ପ୍ରୟୋଜନ ରହିଛି । ୧୨ବର୍ଷରୁ ୨୧ ବର୍ଷ ମଧ୍ୟରେ ଆମ ଦେଶରେ ଅଧିକ ଯୌନ ରୋଗୀ ଦେଖାଯାଉଛନ୍ତି । ସିଡ଼ିସି ରିପୋର୍ଟ ଅନୁସାରେ ୧୨ ନିୟୁତ ଯୌନରୋଗୀ କିଶୋର ବୟସର ଅଟନ୍ତି । ଏମାନେ ଯୌନାଙ୍ଗ ହର୍ପିସ, ସିଫିଲସ୍, ମେନୋରିଆ, କ୍ଲାମାଇଡିଆ ସାଙ୍କ୍ରଏଡ଼ ଇତ୍ୟାଦି ରୋଗରେ ଆକ୍ରାନ୍ତ । ତେଣୁ ପିଲାମାନଙ୍କର କିଶୋରାବସ୍ଥାର ଆରମ୍ଭରେ ପିତାମାତା, ଅଭିଭାବକ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀମାନେ ସେମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ।



# ଜିଦିଆ ଓ ଅବାଧ୍ୟ ପିଲା



**ଆ**ଜିକାଲି ସବୁ ବାପା ମା' ମାନଙ୍କ ନିକଟରୁ ଗୋଟିଏ ଅଭିଯୋଗ ଶୁଣିବାକୁ ମିଳେ– ଆମ ପିଲା ଜିଦିଆ ଓ ଅବାଧ୍ୟ ହୋଇଯାଉଛି । ବାପା ମା'ଙ୍କ କଥା ଶୁଣିବାକୁ ସେମାନେ ରାଜି ନୁହନ୍ତି, ନିଜ ଇଚ୍ଛାରେ ସବୁ କାମ କରିବାକୁ ଚାହାନ୍ତି । ବାପା ମା' ମାନଙ୍କର ଏ ପ୍ରକାର ଅଭିଯୋଗ ଯେ ସମ୍ପୂର୍ଣ୍ଣ ଅମୂଳକ ତାହା ନୁହେଁ । ଏ ପ୍ରକାରର ଅଭିଯୋଗରେ ଯଥେଷ୍ଟ ସତ୍ୟତା ରହିଛି । ତେବେ ଏପରି କାହିଁକି ହେଉଛି, ଏଥିପାଇଁ ଦାୟୀ କିଏ, କିପରି ସଫଳତାର ଏ ସମସ୍ୟାର ସମାଧାନ କରାଯାଇ ପାରିବ ସେ ଦିଗରେ ଅଭିଯୋଗକାରୀ ବାପା ମା'ମାନେ ଆଦୌ ଚିନ୍ତିତ ନୁହନ୍ତି । ଶିଶୁ ମନୋବିଜ୍ଞାନୀମାନେ ଏପ୍ରକାର ମାନସିକ ଅବସ୍ଥାକୁ ଗଭୀର ଭାବେ ଅନୁଧ୍ୟାନ କଲାପରେ କହିଛନ୍ତି, ଶିଶୁର ଏ ପ୍ରକାର ଆଚରଣ ପାଇଁ ବାପା ମା'ମାନେ ହିଁ ସମ୍ପୂର୍ଣ୍ଣ ଭାବେ ଦାୟୀ ।

ମନୋବିଜ୍ଞାନୀମାନଙ୍କ ମତରେ ଆଗରୁ ଆମ ସମାଜରେ ଯୌଥ ପରିବାର ପରମ୍ପରା ଥିଲା । ସେତେବେଳେ ପିଲାମାନେ ନିଜ ବାପା ମା'ମାନଙ୍କ ନିକଟରୁ ଯେତିକି ସ୍ନେହ ଶ୍ରଦ୍ଧା ପାଉନଥିଲେ ତା'ଠାରୁ ଅଧିକ ସ୍ନେହଶ୍ରଦ୍ଧା ଓ ଆଦର ଯତ୍ନ ପାଉଥିଲେ ପରିବାରର ଅନ୍ୟ ସଦସ୍ୟମାନଙ୍କ ଠାରୁ । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଘଟିଛି । ଆଜିକାଲି ଆଉ ଯୌଥ ପରିବାର ଦେଖିବାକୁ ମିଳୁନାହିଁ । କେବଳ ମାତ୍ର ବାପା ମା' ଆଉ ନିଜର ଗୋଟିଏ ବା ଅତିବେଶୀରେ ଦୁଇଟି ସନ୍ତାନଙ୍କୁ ନେଇ ଛୋଟିଆ ପରିବାର । ସେଥିରେ ପୁଣି ଉଭୟ ବାପ ମା' କର୍ମଜୀବୀ । ଏ କ୍ଷେତ୍ରରେ ଶିଶୁର ଦେଖାଶୁଣା କରିବାକୁ କେହି ନାହିଁ । ପିଲାର ଦେଖାଶୁଣା ପାଇଁ ସେମାନେ ନିଯୁକ୍ତ କରୁଛନ୍ତି ଆୟା । ପିଲାକୁ ଦୁଇବର୍ଷ ପୁରୁ ନପୁରୁଣୁ ବାପା ମା'ମାନେ ତାକୁ ପ୍ଲେସ୍କୁଲକୁ ନେଇ ଯାଉଛନ୍ତି । କଣ୍ଢେଇ ଖେଳିବା ବୟସରେ ସେମାନଙ୍କ କାନ୍ଧରେ ସ୍କୁଲ ବ୍ୟାଗ୍ ରହୁଛି । ଖୋଲା ଓ ସ୍ୱାଧୀନ ଭାବେ ଖେଳିବା ବୟସରେ ପିଲା ଯେତେବେଳେ ଗୋଟିଏ ଶୃଙ୍ଖଳପୂର୍ଣ୍ଣ ଜୀବନ ଆପଣେଇବାକୁ ବାଧ୍ୟ ହେଉଛି, ସେତେବେଳେ ସେ ନିଜ ଅଜାଣତରେ ହୋଇପଡୁଛି ଜିଦିଆ । ପ୍ରଚଳିତ ବ୍ୟବସ୍ଥା ବିରୋଧରେ ହୋଇପଡୁଛି ବିଦ୍ରୋହୀ । ଏ କ୍ଷେତ୍ରରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ– ପାଞ୍ଚବର୍ଷ ପୂର୍ବରୁ ଶିଶୁକୁ ବିଦ୍ୟାଳୟକୁ ପଠାଇବା ଉଚିତ ନୁହେଁ କିମ୍ବା ଏକ ଶୃଙ୍ଖଳପୂର୍ଣ୍ଣ ଜୀବନ ଶୈଳୀ ମଧ୍ୟରେ ବାନ୍ଧି ରଖିବା ଉଚିତ ନୁହେଁ । ଅନ୍ୟ ପକ୍ଷରେ ଶିଶୁକୁ ତା' ନିଜ ଇଚ୍ଛା ଅନୁଯାୟୀ ଖେଳାବୁଲା କରିବା ପାଇଁ ଛାଡ଼ିଦେବା ଉଚିତ । ପିଲା ଯଦି କୌଣସି ଜିନିଷ ପାଇଁ ଅଝଟ ବା ଜିଦି କରୁଛି ତେବେ ତା' ଉପରେ ନରାଗି କିମ୍ବା ନବାଡ଼େଇ ଅତି ଆଦର ଯତ୍ନର ସହ ବୁଝାନ୍ତୁ । ପିଲାର ମନ କଥାକୁ ବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ସେ ଯାହା ବି କହୁଛି ତାକୁ ଧୈର୍ଯ୍ୟର ସହ ଶୁଣନ୍ତୁ । ପିଲା ଯଦି ଅଧିକ ସମୟ ଟିଭି ସାମ୍ନାରେ ବସୁଛି କିମ୍ବା ଦେଖୁଛି ତେବେ ତା ଉପରେ ନରାଗି ସେହି ସମୟରେ ତା' ସହ ଯେ କୌଣସି ଇନ୍‌ଡୋର ଗେମ୍ ଖେଳନ୍ତୁ । ଫଳରେ ସେ ଆପେ ଆପେ ଟିଭି ଦେଖାରୁ ବିରତ ରହିବ । ଯେତେବେଳେ ଖାଲି ସମୟ ପାଉଛନ୍ତି, ସେତେବେଳେ ପିଲାକୁ ବିଭିନ୍ନ ଉପଦେଶାତ୍ମକ କାହାଣୀ କୁହନ୍ତୁ, ଫଳରେ ସେ ତା'ର ଅବସର ସମୟରେ ଗପ ବହି ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିବ । ପିଲା ସମ୍ମୁଖରେ କେତେବେଳେ ବି ନିଜ ନିଜ ମଧ୍ୟରେ ଝଗଡ଼ା ଲାଗନ୍ତୁ ନାହିଁ କିମ୍ବା ପରସ୍ପର ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରନ୍ତୁ ନାହିଁ । ସବୁବେଳେ ପିଲା ସହ ବନ୍ଧୁ ପରି ବ୍ୟବହାର କରନ୍ତୁ ଓ ତା'ର ଇଚ୍ଛାକୁ ସମ୍ମାନ ଦିଅନ୍ତୁ । ଦେଖିବେ ଆପଣଙ୍କ ପିଲା କେବେ ବି ଜିଦିଆ କିମ୍ବା ଅବାଧ୍ୟ ହେବନାହିଁ ।

ପିଲାଟି କିପରି କ୍ରୋଧ ସମ୍ବରଣ କରିବ ସେଥିପ୍ରତି ଅଭିଭାବକମାନେ ସଚେତନ ହେବା ଆବଶ୍ୟକ । ଛୋଟ ପିଲାଟି ଆପଣଙ୍କୁ ଥଣ୍ଡା ପିଇବା ପାଇଁ ମାଗୁଛି । ଆପଣ ତାକୁ ମଧ୍ୟାହ୍ନ ଭୋଜନ ସହ ଥଣ୍ଡା ପାନୀୟ ଦେବାକୁ ସ୍ଥିର କରିଛନ୍ତି । ତେଣୁ ସେ ଥଣ୍ଡା ପିଇବାକୁ ଜିଦ୍ କରି କାନ୍ଦିଲେ ସଙ୍ଗେ ସଙ୍ଗେ ଚିଡ଼ିଯାଇ ତାକୁ ଦିଅନ୍ତୁ ନାହିଁ କିମ୍ବା ତା' ସହିତ ଯୁକ୍ତି କରନ୍ତୁ ନାହିଁ । କାରଣ ଏହା ଅଭ୍ୟାସରେ ପରିଣତ ହୋଇଯିବ । ବରଂ ତାକୁ ଗୋଟିଏ କୋଣରେ ୫ରୁ ୧୦ ମିନିଟ୍ ଛିଡ଼ା କରାଇ ଦଣ୍ଡ ଦିଅନ୍ତୁ । ତାହେଲେ ସେ ଭବିଷ୍ୟତରେ ଆଉ ଏଭଳି ଜିଦ୍ କରିବ ନାହିଁ ।

ପିଲାଟି ଟିକେ ବଡ଼ ହୋଇଗଲେ ଅର୍ଥାତ୍ କିଶୋର ବୟସରେ ଯଦି ତା'ର କ୍ରୋଧ ପ୍ରକାଶ ପାଏ ତେବେ ତା ସହିତ କଥାବାର୍ତ୍ତା ବନ୍ଦ କରିଦିଅନ୍ତୁ । ସେ ଯଦି କ୍ରୋଧ ସମ୍ବରଣ କରି ଶିଷ୍ଟ ଭାବେ ଆପଣଙ୍କ ସହ କୌଣସି ବିଷୟରେ ଆଲୋଚନା କରିବାକୁ ଚାହେଁ ତେବେ ତାକୁ କ୍ଷମା ଦିଅନ୍ତୁ ।

ପିଲା ବାପା–ମାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲେ, ତା'ର ଆବଶ୍ୟକତାବେଳେ ସେମାନେ ସମୟ ଦେଇନପାରିଲେ ତା'ର ବିଶ୍ୱାସ ତୁଟିଯାଏ । ଏ କ୍ଷେତ୍ରରେ ପିଲାକୁ ସବୁବେଳେ ଆତ୍ମବିଶ୍ୱାସ ବଢ଼ାଇବା ଦିଗରେ ସହାୟକ ହୁଅନ୍ତୁ । ଗୋଟିଏ ଭଲ ସନ୍ତାନ ଗଢ଼ିବାକୁ ହେଲେ ପ୍ରଥମେ ନିଜେ ଭଲ ଅଭିଭାବକଟିଏ ହେବା ଦରକାର ।







# ପିଲା ବୟସର ଚପଳତା ହଜିଯାଉଛି

**ବ**ସ୍ତୁବାଦୀ ଦୁନିଆରେ ଧନବାନ ହେବାର ଲାଳସା କେବଳ ବୟସ୍କ ନୁହେଁ, ଚପଳ ଶିଶୁଙ୍କୁ ମଧ୍ୟ ଅଣାୟତ୍ତ କରିଛି । ଘରେ, ବାହାରେ ଯେଉଁଠି ଦେଖନ୍ତୁ, ପିଲାଙ୍କ ଚପଳତା ହଜିଗଲାଣି । ବାଲିଘର କରି ଖେଳିବା ବୟସରେ ସେମାନେ ବଡ଼ଲୋକ ହେବାର ସ୍ୱପ୍ନରେ ଏମିତି ମସଗୁଲ ଯେ ଯନ୍ତ୍ରବତ୍ ହୋଇଯାଉଛି ସେମାନଙ୍କ ଜୀବନ । ବୟସ ବଢ଼ିବା ସହିତ ଯେତେବେଳେ ସ୍ମୃତି ପଖାଳିବାର ଅବସର ଆସେ ସେତେବେଳକୁ କିଛି ନଥାଏ ସେମାନଙ୍କ ପାଖରେ ।

ଆଜିକାଲି ଖବରକାଗଜ ଓଲଟାନ୍ତୁ ଅବା ଟିଭି ଖୋଲନ୍ତୁ, ଅଧିକାଂଶ ବିଜ୍ଞାପନର ଆକର୍ଷଣ ହିଁ ଥାନ୍ତି ଶିଶୁମାନେ । ସେମାନଙ୍କ ଅଭିନୟ ଓ କୃତ୍ରିମ କାର୍ଯ୍ୟକଳାପ ଦର୍ଶକଙ୍କୁ ଏମିତି ଆକର୍ଷିତ କରିଥାଏ ଯେ ସେମାନେ ଦର୍ଶକଙ୍କ ପାଇଁ ଆଦର୍ଶ ପାଲଟି ଯାଆନ୍ତି ଓ ସେମାନଙ୍କ ଦ୍ୱାରା ବିଜ୍ଞାପିତ ସାମଗ୍ରୀ ପ୍ରତି ସମସ୍ତଙ୍କର ଆଗ୍ରହ ବଢ଼ିଯାଏ । ଏହାର ପଶ୍ଚାତ୍ ଭାଗରେ କିନ୍ତୁ ରହିଥାଏ ଭିନ୍ନ ଉଦ୍ଦେଶ୍ୟ । ଶିଶୁ ସୁଲଭ ବ୍ୟବହାର ପ୍ରତି ସ୍ୱାଭାବିକ ଭାବେ ସମସ୍ତଙ୍କର ଆକର୍ଷଣ ଥାଏ ଓ ଏହାକୁ ପୁଞ୍ଜିକରି ବିଭିନ୍ନ ସାମଗ୍ରୀର ବିଜ୍ଞାପନ କରାଯିବା ଚମତ୍କାର ଭାବେ ଫଳପ୍ରଦ ହୋଇଥାଏ । କେବଳ ସେତିକି ନୁହେଁ, ପିଲାଙ୍କ ପାଇଁ ଏହା ଅର୍ଥ ଉପାର୍ଜ୍ଜନ ଏକ ପରିମାର୍ଜ୍ଜିତ ମାର୍ଗ । ଏ କ୍ଷେତ୍ରରେ ଅଭିଭାବକମାନେ ହିଁ ନିଜ ପିଲାଙ୍କୁ ବଡ଼ ଲୋକ ହେବାର ନିଶା ଶିଖାଇ ଦିଅନ୍ତି । ଏଥିସହିତ ସେମାନଙ୍କ ଠାରୁ ଛଡାଇ ନେଇଥାନ୍ତି ବାଲ୍ୟ ଚପଳତା । ହଁ, ଆଉ ଗୋଟିଏ କାରଣ ମଧ ପିଲା ବୟସର ଚପଳତା ହଜିଯିବା ପାଇଁ ଦାୟୀ । ଆଧୁନିକ ନାରୀ ବା ଏକଲା ରହୁଥିବା ଦମ୍ପତ୍ତି ପିଲାକୁ ଜଲ୍‌ଦି ସ୍କୁଲ ପଠାଇ ଝିନ୍‌ଝଟରୁ ମୁକୁଳିବାକୁ ଚାହିଁଥାନ୍ତି । ପିଲା ଜଲ୍‌ଦି ସ୍କୁଲ ଯିବ ଓ ପାଠପଢ଼ିବ, ଏଇ ଖୁସିରେ ତା' ଉପରେ ପାଠର ବୋଝ ଏମିତି ଲଦି ଦିଅନ୍ତି ଯେ ସେ ଖେଳିବାକୁ ସମୟ ପାଏ ନାହିଁ । ପୁନଶ୍ଚ ଅନେକ ବାପା–ମା' ନିଜ ପିଲାକୁ ଅନ୍ୟମାନଙ୍କ ସହ ମିଳାମିଶାରୁ ବଞ୍ଚିତ କରିଥାନ୍ତି ଅନୁଶାସନ ଆଳରେ । ଏହାଦ୍ୱାରା ପିଲାର ଚପଳତା ଚାପି ହୋଇଯାଏ । ଏହା ଯେ ତାର ମାନସିକ ବିକାଶରେ ବାଧକ ତାହା କେହି ଚିନ୍ତା କରନ୍ତି ନାହିଁ ।

ମନସ୍ତତ୍ତ୍ୱବିତ୍‌ମାନଙ୍କ ମତକୁ ମଧ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ଅନେକ ସମୟରେ ପ୍ଲେ ସ୍କୁଲ ବା ବିଭିନ୍ନ ଅନୁଷ୍ଠାନରେ ମନସ୍ତତ୍ତ୍ୱବିତ୍ ମାର୍ଗଦର୍ଶକ ଭାବରେ ଥାଆନ୍ତି । କିନ୍ତୁ ଏଥିରୁ କେତେ ସୁଫଳ ମିଳେ ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ । କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ନିଜସ୍ୱ ସାମାଜିକ ପରିବେଶ ହିଁ ପିଲା ପାଇଁ ସର୍ବୋତ୍କୃଷ୍ଟ । କ୍ରମବର୍ଦ୍ଧିଷ୍ଣୁ ଆଧୁନିକତା ପଛରେ ଧାଉଁଥିବା ଆଜିର ମଣିଷ ପିଲାଙ୍କ ଚପଳତା ପ୍ରତି କମ୍ ଗୁରୁତ୍ୱ ଦେଇ ସେମାନଙ୍କୁ ବିଭିନ୍ନ କାମରେ ବାନ୍ଧି ରଖିବାର ନିରବଚ୍ଛିନ୍ନ ପ୍ରୟାସକୁ ପ୍ରତିଯୋଗିତା ଭିତ୍ତିରେ ଆଗେଇ ନେଉଛନ୍ତି । ପିଲାଙ୍କ ଜନ୍ମଗତ କଳା ବା ମେଧା ଆଳରେ ଅନେକ ଅଭିଭାବକ ଏହାର ସମାଲୋଚନାକୁ ଏଡାଇ ଯାଆନ୍ତି କିନ୍ତୁ ସେଇ ପିଲା ଯେ ପରିଣତ ବୟସରେ ବାଲ୍ୟ ଚପଳତାକୁ ମନେ ପକାଇବାକୁ ଯାଇ ହତାଶ ହୋଇପଡ଼େ ଓ ଜୀବନ ବେକାର ବୋଲି ଭାବେ, ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥାଏ । ଏଥିପାଇଁ ଦାୟୀ ଥିବା ବାପା–ମା'ଙ୍କ ହାତରେ ସେତେବେଳେ କିଛି ପ୍ରତିକାରର ମାର୍ଗ ନଥାଏ । 'ପାପା କହ୍‌ତେ ହେଁ ବଡ଼ା ନାମ୍ କରେଗା, ବେଟା ହମାରା ବଡ଼ା କାମ୍ କରେଗା....'ର ନିଶାରେ ପିଲାମାନେ ଜଳୁଥିବାବେଳେ ଆନନ୍ଦ ଉଠାଉଥିବା ବାପା–ମା' ନିଜର ପରିଣତ ଜୀବନରେ ନିଜେ ହିଁ ଜଳୁଥାନ୍ତି । ସେତେବେଳକୁ ତାରକା ପିଲା ବା ସେମାନଙ୍କ ଅଭିଭାବକ, କାହାକୁ ବି ଆଦର୍ଶ ଭାବେ ଗ୍ରହଣ କରିବାକୁ ଆମ ସମାଜ ପ୍ରସ୍ତୁତ ନଥାଏ ।

ମନୋବୈଜ୍ଞାନିକଙ୍କ ମତରେ ଆଜିକାଲି ଅଭିଭାବକମାନେ ପିଲାଙ୍କୁ ମଡ଼େଲିଂ, ଫ୍ୟାସନ୍ ଓ ଅଭିନୟ ଭଳି ଅତ୍ୟାଧୁନିକ କ୍ୟାରିୟରରେ ଆଗେଇ ନେବା ପାଇଁ ଅତି ଅଳ୍ପ ବୟସରୁ ପ୍ରାଣମୂର୍ଚ୍ଛା ପରିଶ୍ରମ କରାଉଛନ୍ତି । ଫଳରେ ପିଲାମାନେ ନିଜେ କିଛି କରିବାର ପ୍ରଚେଷ୍ଟା ପାଇଁ ସୁଯୋଗ ପାଉ ନାହାନ୍ତି ଓ ସେମାନଙ୍କର ନିଜସ୍ୱ ସୃଜନଶୀଳତା ମରିଯାଉଛି । ପିଲାମାନେ ଯଦି ବଡ଼ ମଣିଷଙ୍କ ଭଳି ପରିପକ୍ୱ ବ୍ୟବହାର କରନ୍ତି ତେବେ ଏହା ସେମାନଙ୍କୁ ବିପଥଗାମୀ କରାଏ ଓ କ୍ରମଶଃ ଏହା ଏକ ସାମାଜିକ ବ୍ୟାଧିରେ ପରିଣତ ହୁଏ । ବାପା–ମାଆ, ବିଶେଷକରି ମାଆମାନେ ଏଥିପ୍ରତି ସତର୍କ ରହିବା ଉଚିତ୍ ।



ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 7th January, 2026 Wednesday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ହେଲ୍‌ଥ ଟନିକ୍



### କ'ଣ ସବୁ ଖାଇଲ ?

ଦୀର୍ଘ ସମୟ ଅପେକ୍ଷା କରିବା ପରେ ପ୍ରେମିକା ଫୋନ୍ ଲଗାଇ ପ୍ରେମିକକୁ ଖୁବ୍ ଅଭିମାନ ଭରା ଗଳାରେ କହିଲା- ତମେ ଏତେ ଡେରି କ'ଣ କରୁଛ ମ? ଆମେ ପରା ଆଜି 'ଲଭ୍ ଏଟ୍ ଫାଷ୍ଟ ସାଇଟ୍' ହୋଟେଲ୍‌ରେ ଡିନର କରିଥାନ୍ତେ ?

ପ୍ରେମିକ କହିଲା- ମୁଁ କ'ଣ କରିବି ? ମୋ ବସ୍ ମତେ ଖାଇବା ପାଇଁ ଅଟକାଇଦେଲେ। ତେଣୁ ଡେରି ହୋଇଗଲା।

ପ୍ରେମିକା ପଚାରିଲା- କ'ଣ ସବୁ ଖାଇଲ ?

ପ୍ରେମିକ କହିଲା- ଖାଲି ଗାଳି... !

# ନଡ଼ାରେ ନିଆଁ: ବାୟୁ ମଣ୍ଡଳ ପ୍ରଦୂଷିତ

**ଭୁବନେଶ୍ୱର,୬।୧: ତଥ୍ୟ**

ଓଡିଶାରେ ବାୟୁ ପ୍ରଦୂଷଣ ଅତି ଖରାପ ସ୍ତରକୁ ଯାଇଥିବାବେଳେ ଏହାର ପ୍ରତିକାର ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ପାରୁନାହିଁ। ବିଶେଷକରି କମ୍ବାଇନଡ୍ ହାର୍ଭେଷ୍ଟର (ଧାନ କଟା ଯନ୍ତ୍ର)ରେ ବିଲରେ ଧାନ ଅମଳ ସହଜରେ ଓ ଶସ୍ତାରେ ହେଉଥିବାରୁ ଚାଷୀମାନେ ଧାନ ଆଣି ପରିତ୍ୟକ୍ତ ନଡାରେ ନିଆଁ ଲଗାଇ ଦେବାରୁ ବାୟୁମଣ୍ଡଳ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଛି।

ଉତ୍ତରପ୍ରଦେଶ, ହରିଆନା, ପଞ୍ଜାବ ଭଳି ରାଜ୍ୟରେ ଏହିଭଳି ଧାନ ଓ ଗହମ ଉତ୍ପାଦନ ପରେ ଚାଷୀମାନେ ବିଲରେ ନିଆଁ ଲଗାଇଦେବା କାରଣରୁ ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ ମଧ ବର୍ଷ ବର୍ଷ ଧରି ପ୍ରଦୂଷିତ ହୋଇଆସୁଛି। ଏଥିଘେନି ସୁପ୍ରିମକୋର୍ଟ ବାରମ୍ବାର ତାଗିଦା କରିବା ସତ୍ତ୍ୱେ ବି ପରିସ୍ଥିତିରେ ସୁଧାର ଆସୁନାହିଁ।

ଆଗେ ଗାଁ ଗହଳରେ ସଂଖ୍ୟାଧିକ ଘର ଚାଳଛପର ଥିଲା। ତେଣୁ ନଡା ଉପରେ ବେଶ୍ ଚାହିଦା ରହୁଥିଲା। ଏହାଛଡା ଘରେ ଘରେ ବଳଦ ଗାଈ ଇତ୍ୟାଦି ରହୁଥିବାରୁ ସେମାନଙ୍କ ପାଇଁ କୁଟା ଦରକାର ହେଉଥିଲା। ତେଣୁ ଧାନକାଟିବା ସହ ଚାଷୀମାନେ ନଡା ସଂଗ୍ରହ କରୁଥିଲେ ଏବଂ ଧାନ ବେଙ୍ଗଳା ପକାଇ କୁଟା ଗଦାମାଡି ରଖୁଥିଲେ। ଏହାଛଡା ଧାନ ସଂରକ୍ଷଣ ପାଇଁ କୁଟାରେ ଓଳିଆ ତିଆରି ହେଉଥିଲା।

ଏବେ କିନ୍ତୁ ଗାଁ ଗହଳରେ ବି ପ୍ରାୟ ଚାଳଘର ଦେଖିବାକୁ ମିଳୁନାହିଁ। କୃଷି ଶ୍ରମିକ ଖଟାଇବାରେ ଅଧିକ ଖର୍ଚ୍ଚ ହେଉଥିବାରୁ କୃଷକମାନେ ଯାନ୍ତ୍ରିକ କୃଷିକୁ ଆପଣାଇ ଟ୍ରାକ୍ଟରରେ ବିଲ ହଳ କରିବାଠାରୁ ଆରମ୍ଭକରି କମ୍ବାଇନଡ୍ ହାର୍ଭେଷ୍ଟରରେ ବିଲରେ ଧାନ ଅମଳ କରି ନେଇ ଆସୁଛନ୍ତି ଏବଂ ତାହାକୁ ଅଖାରେ ଭର୍ତ୍ତିକରି ବିକ୍ରିପାଇଁ ମଣ୍ଡିକୁ ନେଉଛନ୍ତି। ଫଳରେ ନଡା ଓ କୁଟାର ଚାହିଦା କମିଯାଉଛି।



କୃଷକମାନେ କହୁଛନ୍ତି ଯେ ନଡା ଉପଯୋଗ କରି କେବଳ ଛତୁଚାଷ କରିହେଉଛି। କିନ୍ତୁ ବିଲରେ ପଡି ରହୁଥିବା ନଡା, କୁଟା ଆଦିକୁ କମ୍ପୋଷ୍ଟ ଖତରେ ପରିଣତ କରିବାକୁ କିଛି ବ୍ୟବସ୍ଥା ନାହିଁ। ତେଣୁ ଜମି ଚାଷ କରିବା ପୂର୍ବରୁ ବିଲରେ ହିଁ ନଡା କୁଟା ଆଦିକୁ ଚାଷୀମାନେ ଜାଳିବାକୁ ବାଧ ହେଉଛନ୍ତି।

ବିଲରେ ନଡା ଜଳାଯିବା ଫଳରେ ଚାଷଜମିର ଉର୍ବରତା ହ୍ରାସପାଉଛି। ଜିଆ ଭଳି ଯେଉଁ ଆମିଓବାମାନେ ପ୍ରାକୃତିକ ଉପାୟରେ ମାଟିକୁ ତଳ ଉପର କରି ଉର୍ବର କରୁଥିଲେ ସେମାନଙ୍କ ବଂଶ ବୁଡିଯାଉଛି। ଏଣେ ଗାଈ ବଳଦଙ୍କ ସଂଖ୍ୟା କମୁଥିବାରୁ ଚାଷଜମି ପାଇଁ ପର୍ଯ୍ୟାପ୍ତ ପରିମାଣର ଗୋବରଖତ ମିଳୁନାହିଁ। ଫଳରେ ରସାୟନିକ ସାର ଓ କୀଟନାଶକକୁ ଭରସା କରି ଚାଷକାର୍ଯ୍ୟ ଚାଲୁଛି।

ଓଡିଶାରେ ଚାଷୀମାନେ ଅଧିକ ପରିମାଣର ଧାନଚାଷ କରୁଛନ୍ତି। କିନ୍ତୁ ଆଳୁ,ପିଆଜ, ଅଦା ଭଳି ମସଲା ଜାତୀୟ ପନିପରିବା ଓ ଆଖୁ, ଡାଲି, ତୈଳବୀଜ ଭଳି ଅର୍ଥକରୀ ଫସଲ ଅଧିକ ପରିମାଣରେ ରାଜ୍ୟରେ ଚାଷ କରାଯାଉନାହିଁ। ଏଥିଲାଗି ଓଡିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ପ୍ରତି ଗାଁରେ ଯଦି ଚାଷ ଜମିଗୁଡିକର ଠିକଣା ସର୍ଭେ କରାଯାଇ କେଉଁ ଜମିରେ କେଉଁ କିସମର ଅର୍ଥକରୀ ଫସଲ ଅଧିକ ପରିମାଣରେ ଫଳାଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କଲେ ରାଜ୍ୟର ଅର୍ଥନୀତି ବିକଶିତ ହେବା ସହିତ ଲୋକଙ୍କ ଆର୍ଥିକ ସମସ୍ୟା ବି ମେଣ୍ଟିପାରନ୍ତା ଏବଂ ଏଥିଯୋଗୁଁ ନଡାପୋଡି ସମସ୍ୟା ବନ୍ଦହୋଇ ବାୟୁ ପ୍ରଦୂଷଣର ଅନ୍ୟତମ ଉତ୍ସକୁ ରୋକାଯାଇ ପାରନ୍ତା ବୋଲି କୃଷି ବିଶେଷଜ୍ଞ ଓ ପରିବେଶବିଜ୍ଞାନୀମାନେ କହୁଛନ୍ତି।

## ନିଜ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବିସିବିକୁ କହିଲା ଆଇସିସି






**ମୁମ୍ବାଇ,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଇପିଏଲ ଦଳ କେକେଆରରୁ ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁର ରେହମାନଙ୍କୁ ବାଦ ଦିଆଯିବା ପରେ ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ (ବିସିସିଆଇ) ଓ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ଏପରିକି ଆସନ୍ତା ଟି-୨୦ ବିଶ୍ୱକପରେ ଖେଳିବାକୁ ବାଂଲାଦେଶ ଦଳ ଭାରତ ଆସିବ ନାହିଁ ବୋଲି ନିଷ୍ପତ୍ତି ନେଇଛି ଓ ନିଜର ସମସ୍ତ ମ୍ୟାଚକୁ ଶ୍ରୀଲଙ୍କାକୁ ସ୍ଥାନାନ୍ତରୀତ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ଲିଖିତଭାବେ ଜଣାଇଛି।

ବିସିବିର ଏହି ଅନୁରୋଧ ପରେ ଆଇସିସି ଅକଳରେ ପଡ଼ିଯାଇଛି। କାରଣ ଟି-୨୦ ବିଶ୍ୱକପ ଆଉ ମାତ୍ର ଏକ ମାସ ଥିବାବେଳେ ଏତେ କମ ସମୟ ମଧ୍ୟରେ ମ୍ୟାଚଗୁଡ଼ିକର ସ୍ଥାନ ବଦଳାଇବା ସମ୍ଭବ ନୁହେଁ। ଏଥିପାଇଁ ସିଡୁଲିଂ, ଲଜିଷ୍ଟିକ୍ସ ଆଦି ବିଭିନ୍ନ ସମସ୍ୟା ରହିଛି। ଏଣୁ ଭାରତରେ ନ ଖେଳିବା ସଂପର୍କିତ ନିଜର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବିସିବିକୁ ଅନୁରୋଧ କରିଛି ଆସିସି।

ଏକ ଜାତୀୟ ସ୍ତରର ଇଂରାଜୀ ସମ୍ବାଦପତ୍ରରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତରେ ନ ଖେଳିବାକୁ ବିସିବିର ଆନୁଷ୍ଠାନିକ ଅନୁରୋଧ ମିଳିବା ପରେ ଆଇସିସି ପକ୍ଷରୁ ଦୁବାଇ ଓ ମୁମ୍ବାଇରେ କେତେକ ବୈଠକ ଅନୁଷ୍ଠିତ ହୋଇଛି। ଏହା ସହିତ ଆଇସିସି ଉଭୟ ବିସିସିଆଇ ଓ ବିସିବି ସହ ଯୋଗାଯୋଗରେ ଅଛି। ଉଭୟ ବୋର୍ଡ ମଧ୍ୟରେ ଦେଖାଦେଇଥିବା ବିବାଦର ସମାଧାନ ପାଇଁ ମଧ ଆଇସିସି ଉଦ୍ୟମ କରୁଛି।

## ଓଟିଇଟି ପରୀକ୍ଷା ଦେଇପାରିବେ ୨ବର୍ଷିଆ ବିଏଡ୍ ଛାତ୍ରୀଛାତ୍ର

**ଭୁବନେଶ୍ୱର,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଦେବା ପାଇଁ ସ୍ୱତନ୍ତ୍ର ଶିକ୍ଷାରେ ଦୁଇବର୍ଷିଆ ବିଏଡ୍ କରିଥିବା ଛାତ୍ରୀଛାତ୍ରଙ୍କୁ ସୁଯୋଗ ମିଳିବ। ସେମାନେ ଓଟିଇଟି ପେପର୍-୨ ପରୀକ୍ଷା ଦେଇପାରିବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦିଆଯାଇଛି। ପୂର୍ବରୁ କେବଳ ସ୍ୱତନ୍ତ୍ର ଶିକ୍ଷାରେ ବର୍ଷିକିଆ ବିଏଡ୍ କରିଥିବା ପିଲାଙ୍କୁ ଏହି ପରୀକ୍ଷା ଦେବା ପାଇଁ ସୁଯୋଗ ମିଳୁଥିଲା। ଏହି ପରିବର୍ତ୍ତନ ଫଳରେ ୩ ହଜାରରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟରତ ଓଡ଼ିଶା ସ୍ପେଶାଲ୍ ଏଜୁକେଶନ୍ ଫେଡେରେସନ୍ (ଓଏସ୍ଏଫ୍ଇଡି)ର ସମ୍ପାଦକ ଆୟୁଷ ଚୌଧୁରୀ କହିଛନ୍ତି।

### ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୩ତମ ସଂସ୍କରଣ

## ନେତୃତ୍ୱ ଓ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୩ତମ ସଂସ୍କରଣ ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଅଭିଭାଷଣ ହେଉଛି ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର ଏକ ପ୍ରମୁଖ ବାର୍ଷିକ କାର୍ଯ୍ୟକ୍ରମ ଯାହା କମ୍ପାନୀର ଚିନ୍ତାଧାରା ନେତୃତ୍ୱ ଏବଂ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାର ମାଧ୍ୟମ ଅଟେ। ଏହି କ୍ରମରେ ଟାଟା ଷ୍ଟିଲ୍ ଲିମିଟେଡର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ 'ନେତୃତ୍ୱ: ରୂପାନ୍ତରର କଳା' ବିଷୟବସ୍ତୁ ଉପରେ ପ୍ରତିଷ୍ଠା ଦିବସ ଅଭିଭାଷଣ ପ୍ରଦାନ କରିଥିଲେ।

ପ୍ରାରମ୍ଭରେ, ବୈଠକର ଅଧ୍ୟକ୍ଷତା କରି, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାକୁ ଜ୍ଞାନ ଆଦାନ ପ୍ରଦାନ ଏବଂ ସାମୂହିକ ଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରିଥିଲେ। ସେ ନାଲକୋର ସମସ୍ତ କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଅଂଶୀଦାର ଏବଂ କମ୍ପାନୀର ଦୂରଦୃଷ୍ଟିସମ୍ପନ୍ନ ପ୍ରତିଷ୍ଠାତା ନେତୃତ୍ୱଙ୍କ ପ୍ରତି ସେମାନଙ୍କର ଅଭିବୃଦ୍ଧି ଯାତ୍ରାରେ ନିରନ୍ତର ଅବଦାନ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଶ୍ରୀ ସିଂହ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲକୋର ରେକର୍ଡ ପ୍ରଦର୍ଶନ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ନିମନ୍ତେ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏହି ପ୍ରୟାସ ଯୋଗୁଁ କମ୍ପାନୀ ଭୌତିକ, ବିକ୍ରୟ ଏବଂ ଆର୍ଥିକ କ୍ଷେତ୍ରରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଉନ୍ନତି ଏକ ନିରନ୍ତର ପ୍ରକ୍ରିୟା ବୋଲି ଉଲ୍ଲେଖ କରିବା ସହ ନିରନ୍ତର ଉତ୍କର୍ଷତା ପାଇଁ ଶିକ୍ଷା, ଅନୁକୂଳନ ଏବଂ ସାଂଗଠନିକ ପ୍ରତିବଦ୍ଧତା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।




ପ୍ରତିଷ୍ଠା ଦିବସ ଅଭିଭାଷଣ ପ୍ରଦାନ କରି, ଟି.ଭି. ନରେନ୍ଦ୍ରନ୍ ନେତୃତ୍ୱ ପାଇଁ ପରିବର୍ତ୍ତନ, ଅନୁକୂଳନ, ସ୍ଥିରତା, ନବସୃଜନ ଏବଂ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଶିଳ୍ପ କ୍ଷେତ୍ରରେ ପ୍ରତିଦିନ ନୂଆ ଚ୍ୟାଲେଞ୍ଜର ସମ୍ଭାବନା ଥାଏ, ତେଣୁ ପରିବର୍ତ୍ତନ ଅତ୍ୟାବଶ୍ୟକ, ବିଶେଷକରି ବିଶ୍ୱ ବାଣିଜ୍ୟ ଗତିଶୀଳତା ଏବଂ ଭୂରାଜନୈତିକ ପରିସ୍ଥିତି ବ୍ୟବସାୟ ପରିବେଶକୁ ପ୍ରଭାବିତ କରିଥାଏ। ନେତୃତ୍ୱର ଭୂମିକା ଉପରେ ଆଲୋକପାତ କରି ସେ କହିଥିଲେ ଯେ, ବ୍ୟବସାୟିକ ନେତୃମଣ୍ଡଳୀଙ୍କୁ ରଣନୈତିକ ଯୋଜନା ଏବଂ ସୁଚିନ୍ତିତ ବ୍ୟବସାୟିକ ବିପର୍ଯ୍ୟୟ ପରିଚାଳନା ମାଧ୍ୟମରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଆବଶ୍ୟକ।

ଅଭିବୃଦ୍ଧି ଏକାକୀ ସମ୍ଭବ ନୁହେଁ ବୋଲି ଦର୍ଶାଇବା ସହ ଶ୍ରୀ ନରେନ୍ଦ୍ରନ୍ ସାମାଜିକ ଦାୟିତ୍ୱ ଏବଂ ଦାୟିତ୍ୱବୋଧତାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରଯୁକ୍ତିବିଦ୍ୟା ବ୍ୟବହାର ବିଷୟରେ ସେ କହିଥିଲେ ଯେ ପ୍ରଯୁକ୍ତିବିଦ୍ୟା ଉତ୍ପାଦକତାକୁ ବୃଦ୍ଧି କରେ ଏବଂ ନିରନ୍ତର ଦକ୍ଷତା ବିକାଶ ଏବଂ ପୁନଃ କୌଶଳୀକରଣ ମାଧ୍ୟମରେ ଏହାକୁ ଗ୍ରହଣ କରିବାକୁ ପଡ଼ିବ। କାର୍ଯ୍ୟକ୍ରମ ଶେଷରେ ଡା. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଲକୋ କର୍ମଚାରୀଙ୍କ ବ୍ୟତୀତ ବିଭିନ୍ନ ଶିଳ୍ପ ସଂସ୍ଥାର ବରିଷ୍ଠ ଅଧିକାରୀ, ସରକାରୀ ପ୍ରତିନିଧି ଏବଂ ଶିକ୍ଷାନୁଷ୍ଠାନର ସଦସ୍ୟମାନେ ମଧ ଅଂଶଗ୍ରହଣ କରିଥିଲେ।

ଉଲ୍ଲେଖନୀୟ ଯେ, ନାଲକୋ ୨୦୦୨ ମସିହାରୁ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳା ଆୟୋଜନ କରିଆସୁଛି, ଯାହା ବୌଦ୍ଧିକ ସମ୍ପର୍କ ପାଇଁ ଏକ ସମ୍ମାନଜନକ ମଞ୍ଚରେ ପରିଣତ ହୋଇଛି। ସଂଗଠନ ଏବଂ ବିଭିନ୍ନ ଶିଳ୍ପ ସମୁଦାୟ ମଧ୍ୟରେ ଶିକ୍ଷା, ନବସୃଜନ ଏବଂ ଆଲୋଚନାର ସଂସ୍କୃତିକୁ ଏହି କାର୍ଯ୍ୟକ୍ରମ ପ୍ରୋତ୍ସାହିତ କରୁଛି।

## ସୋନିଆ ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି



**ନୂଆଦିଲ୍ଲୀ,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ସକାଳେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀ ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ତୁରନ୍ତ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନେତାମାନେ ହସ୍ପିଟାଲରେ ପହଞ୍ଚିବା ଆରମ୍ଭ କରିଛନ୍ତି। ତଦାରଖ ପାଇଁ ଡାକ୍ତରଙ୍କ ଏକ ଦଳ ନିୟୋଜିତ କରାଯାଇଛି। ତଥାପି, କଂଗ୍ରେସ ଏପର୍ଯ୍ୟନ୍ତ ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ଅଫିସିଆଲ ବିବୃତ୍ତି ଜାରି କରିନାହିଁ। ଉଲ୍ଲେଖଯୋଗ୍ୟ ଯେ କଂଗ୍ରେସ ସଂସଦୀୟ ଦଳର ଅଧକ୍ଷା ଏବଂ ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧୀ ବହୁତ ଦିନ ଧରି ଅସୁସ୍ଥ ଅଛନ୍ତି। ସୋନିଆ ଗାନ୍ଧୀ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ମଧ ହସ୍ପିଟାଲକୁ ଯାଆନ୍ତି। ଏଥର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିବା ପରେ ତାଙ୍କୁ ହସ୍ପିଟାଲରେ ତୁରନ୍ତ ଭର୍ତ୍ତି କରାଯାଇଛି। ସୋନିଆ ଗାନ୍ଧୀ ଦୀର୍ଘ ଦିନ ଧରି ରାଜନୀତିରେ ଅଛନ୍ତି। ତାଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଲଗାତାର ଦୁଇଟି ଲୋକସଭା ନିର୍ବାଚନ ଜିତିଥିଲା। ୨୦୦୦ ଦଶକରେ କଂଗ୍ରେସ ୧୬ଟି ରାଜ୍ୟରେ ଶାସନ କରିଥିଲା। ୨୦୧୭ରେ ସୋନିଆ ଗାନ୍ଧୀ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ସେ ରାଜ୍ୟସଭାର ସଦସ୍ୟ ଅଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପିୟୁସି ଦ୍ୱନ୍ଦ୍ୱ...

ନିର୍ଦ୍ଦେଶ ହୋଇଛି। ତା'ସହ ରାଜ୍ୟ ସରକାରଙ୍କ ଠାରୁ ମଧ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ହାଇକୋର୍ଟ।

ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ଗାଡିର ଇନ୍ଧନ ମିଳିବ ନାହିଁ ଏବଂ ସାର୍ଟିଫିକେଟ୍ ହାସଲ କରିବାକୁ ହେଲେ ସମସ୍ତ ପୁରୁଣା ଜରିମାନା ଦେବାକୁ ହେବ ବୋଲି ପରିବହନ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରିଛି। ଯାହାକୁ ଚ୍ୟାଲେଞ୍ଜ କରି ଭୁବନେଶ୍ୱରର ବାସିନ୍ଦା ସ୍ନିଗ୍ଧା ପାତ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ଦାୟର ଆବେଦନରେ ସେ ଉଲ୍ଲେଖ କରିଛନ୍ତି ଯେ, ଯଦି କେହି ଗାଡ଼ି ଚାଳକ ନିର୍ଦ୍ଦିଷ୍ଟ ସମୟ ଭିତରେ ପ୍ରଦୂଷଣ ପ୍ରମାଣପତ୍ର କରିପାରିନାହାନ୍ତି। ତେବେ ନିୟମ ଅନୁସାରେ ତାଙ୍କ ଉପରେ ଫାଇନ କରାଯାଇପାରିବ। କିନ୍ତୁ ତେଲ ଦିଆଯିବ ନାହିଁ ବୋଲି କହିବା ଆଇନସଙ୍ଗତ ନୁହେଁ।

ସେହିପରି ପୁରୁଣା ଫାଇନ୍ ଆଦାୟ କରିବା ଲାଗି କାହାକୁ ବାଧ କରାଯିବା ମଧ ବେଆଇନ ବୋଲି ଆବେଦନକାରୀ କୋର୍ଟଙ୍କୁ ଜଣାଇଛନ୍ତି। ଏଭଳି ବ୍ୟବସ୍ଥା ନା କେନ୍ଦ୍ରୀୟ ପରିବହନ ଆଇନ ନା ରାଜ୍ୟ ପରିବହନ ଆଇନରେ ରହିଛି। ତେଣୁ ଆଇନର ଉଲ୍ଲଂଘନ କରି ମନଇଚ୍ଛା କୌଣସି ନିୟମ ଲାଗୁ କରିବା ଅସମ୍ବିଧାନିକ, ତେଣୁ ଏପରି ନିୟମକୁ ରଦ୍ଦ କରିବା ଲାଗି ଆବେଦନକାରୀ ନିଜ ପିଟିସନରେ ଦର୍ଶାଇଛନ୍ତି। ଆଜି ଉକ୍ତ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ଉଭୟ ରାଜ୍ୟ ସରକାର ଓ ପରିବହନ ଆୟୁକ୍ତଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

### ଅମର୍ତ୍ତ୍ୟ ସେନଙ୍କୁ...

ଚିଠି କରିଛନ୍ତି। ଏହା କେବଳ ସମସ୍ତଙ୍କୁ ବଦନାମ କରିବା ଓ ହଇରାଣ କରିବାର ପ୍ରୟାସ।"

ଦେଶର ଗର୍ବ ଓ ଏତେ ପରିମାଣର ସମ୍ମାନ ହାସଲ କରିଥିବା ଅମର୍ତ୍ତ୍ୟ ସେନଙ୍କୁ କେମିତି ଏସ୍ଆଇଆର ଶୁଣାଣି ପାଇଁ ଡକା ଯାଉଛି, ତା'କୁ ନେଇ ଗୋଟିଏ ରାଲିରେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ଅଭିଷେକ ବାନାର୍ଜୀ।

ସେ କହିଛନ୍ତି, "ଏସ୍ଆଇଆର ନାଁରେ ବିଜେପି ଓ ଭାରତୀୟ ନିର୍ବାଚନ କମିଶନ ବେଙ୍ଗଲର ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଯେତେବେଳେ ମୁଁ ଏଠାକୁ ଆସିଲି ସେତେବେଳେ ଜାଣିବାକୁ ପାଇଲି ଯେ ସେମାନେ ଆମ ଦେଶକୁ ବିଶ୍ୱ ମଞ୍ଚରେ ପ୍ରତିଷ୍ଠା ଆଣି ଦେଇଥିବା ଅମର୍ତ୍ତ୍ୟ ସେନଙ୍କୁ ଶୁଣାଣି ନୋଟିସ ପଠାଇଛନ୍ତି।" ତେବେ ଅମର୍ତ୍ତ୍ୟ ସେନଙ୍କୁ ଶୁଣାଣି ପାଇଁ ନୋଟିସ ହୋଇଛି କି ନାହିଁ, ସେ ସମ୍ପର୍କରେ ଏଯାଏ ନିର୍ବାଚନ କମିଶନ କୌଣସି ପ୍ରକାରର ସ୍ପଷ୍ଟୀକରଣ ଦେଇ ନାହାନ୍ତି।

ଅନ୍ୟପକ୍ଷରେ ଟିଏମସି ସାଂସଦ ତଥା ଅଭିନେତା ଦେବ ଓରଫ ଦୀପକ ଅଧିକାରୀଙ୍କୁ ଏସ୍ଆଇଆର ଶୁଣାଣିରେ ହାଜର ହେବାକୁ ସମନ ଆସିଛି। ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ ନୋଟିସ ହୋଇଛି। କିନ୍ତୁ ଦେବ ଏଯାଏ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

ପଶ୍ଚିମ ମେଦିନାପୁରର ଘାଟାଲ ଲୋକସଭା ଆସନରୁ ୨୦୨୪ ନିର୍ବାଚନରେ ବିଜୟୀ ହୋଇଥିଲେ ଦେବ। ତାଙ୍କର ଜନ୍ମ ମଧ ସେଠାରେ ହୋଇଥିଲା। ବାପାଙ୍କ କାମ ପାଇଁ ସେ ପରବର୍ତ୍ତୀ ଅବସ୍ଥାରେ ମୁମ୍ବାଇ ଚାଲି ଯାଇଥିଲେ। ଏହାପରେ ସେ ବେଙ୍ଗଲକୁ ଫେରିବା ସହ ଫିଲ୍ମ ଦୁନିଆରେ ସଫଳତା ସାଉଁଟିଥିଲେ। ଦେବ ଏବେ ଦକ୍ଷିଣ କୋଲକାତାର ସ୍ଥାୟୀ ବାସିନ୍ଦା। ତଥାପି ତାଙ୍କୁ ଏସ୍ଆଇଆର ନୋଟିସ ହୋଇଛି।

### ଜିଦ୍‌ରେ ଅଟଳ...

ଧାନ ସଂଗ୍ରହ ପ୍ରକ୍ରିୟାରୁ ଓହରି ଯାଇଛନ୍ତି। ମିଲର ସଂଘ ସ୍ପଷ୍ଟ କରିଛି ଯେ, ନଭେମ୍ବର ଓ ଡିସେମ୍ବରରେ ମୌଖିକ ପ୍ରତିଶ୍ରୁତି ପାଇ ସେମାନେ କାର୍ଯ୍ୟ କରିଥିଲେ, କିନ୍ତୁ ୫ ସପ୍ତାହ ପରେ ମଧ ସରକାରୀ ଆଦେଶନାମା ପ୍ରକାଶ ନ ପାଇବା ଦୁର୍ଭାଗ୍ୟଜନକ।

ସଂଘର ମୁଖ୍ୟ ଦାବିଗୁଡିକ ହେଉଛି ରକ୍ଷଣାବେକ୍ଷଣ ଶୁଳ୍କ ପ୍ରଦାନ, ଅତିରିକ୍ତ ପ୍ରୋତ୍ସାହନ ରାଶି, ପରିବହନ ଖର୍ଚ୍ଚ ସଂଶୋଧନ ଏବଂ ଅରୁଆ ଚାଉଳ କ୍ଷେତ୍ରରେ ୧% 'ଡ୍ରାଇଏଜ୍' ବ୍ୟବସ୍ଥାର ପୁନଃ ପ୍ରଚଳନ। ସେପଟେ ଏହି ଅଚଳାବସ୍ଥା ଯୋଗୁଁ ବିଶେଷ କରି ପଶ୍ଚିମ ଓଡ଼ିଶାର ଚାଷୀମାନେ ଧାନ ବିକ୍ରି କରିବା ନେଇ ଏବେ ଅନିଶ୍ଚିତତା ମଧ୍ୟରେ ଅଛନ୍ତି।

ତେବେ ମଣ୍ଡିରେ ଧାନ ପଡ଼ି ରହିଥିବା ବେଳେ ବର୍ଷା ଆଗମନ ଚାଷୀଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ସେହିପରି ମିଲିଂ ବନ୍ଦ ରହିଲେ ରାଜ୍ୟରେ ଚାଉଳ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ଖାଦ୍ୟ ଯୋଗାଣ ବିଭାଗ ସମାଧାନ ପାଇଁ ସମୟ ମାଗିଥିବା ବେଳେ ମିଲର ସଂଘ ଏବେ ନିଜର ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରିବାକୁ ବୈଠକ ଡକାଇଛି।

### ସ୍ମାର୍ଟ ମିଟର...

ଶକ୍ତି ସମୀକ୍ଷକମାନଙ୍କ ମତରେ ବିତରଣ କମ୍ପାନୀ ଯୋଗାଉଥିବା ମିଟରର ଦାମ ୪ହଜାର ଟଙ୍କାରୁ ଅଧିକ ହେବନାହିଁ। ସେହିଭଳି ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ବ୍ୟବସ୍ଥା ଅନୁଯାୟୀ ଯେଉଁ ହିତାଧିକାରୀ ଚାହିଁବେ ସେମାନେ ନିଜେ ମିଟର ଖରିଦ କରିପାରିବେ। ହେଲେ ବିତରଣ କମ୍ପାନୀ କୌଣସି କାରଣରୁ ହିତାଧିକାରୀଙ୍କୁ ଏଭଳି ସୁଯୋଗ ଦେଉନାହିଁ।

କିଛି ବିଦ୍ୟୁତ୍ ଉପଭୋକ୍ତା କହିଛନ୍ତି ଯେ ସ୍ମାର୍ଟ ମିଟର ସ୍ଥାପନ ସମୟରେ ସେମାନଙ୍କୁ ୫ବର୍ଷ ପାଇଁ ମିଟର ବାବଦରେ ଅର୍ଥ ଆଦାୟ ହେବ ବୋଲି କୁହାଯାଇଥିଲା। ଏବେ ୮ବର୍ଷ ପାଇଁ ଅର୍ଥ ଆଦାୟ କରାଯାଉଛି। ପୂର୍ବରୁ ବିଦ୍ୟୁତ୍ ବିଭାଗ ଯୋଗାଇଥିବା ମିଟର ବାବଦରେ ଟଙ୍କା ଗଣିଥିବା ଉପଭୋକ୍ତା ଏବେ ପୁଣିଥରେ ମିଟର ଦେୟ ଗଣୁଛନ୍ତି। ନିଜ ସୁବିଧା ପାଇଁ ସେମାନଙ୍କ ଭଲ ମିଟରକୁ ବଦଳାଇଥିବା ବିତରଣ କମ୍ପାନୀ ଏବେ ମାସକୁ ମାସ ଅର୍ଥ ଆଦାୟ କରିବାରେ ଲାଗିଛି। ଏପରିକି ବିତରଣ କମ୍ପାନୀ ହିତାଧିକାରୀଙ୍କ ଘରେ ଲଗାଉଥିବା ସ୍ମାର୍ଟ ମିଟର କେଉଁ ସଂସ୍ଥାରୁ ଆଣିଛି ଓ ଏହାର ପ୍ରକୃତ ଦର କେତେ ତାହା ସାଧାରଣ ଉପଭୋକ୍ତାଟିର ଜାଣିବାର ସାମାନ୍ୟତମ ଅବକାଶ ରହୁନାହିଁ। ତେଣୁ ବିଦ୍ୟୁତ୍ ନିୟାମକ ଆୟୋଗ ଏଥିରେ ହସ୍ତକ୍ଷେପ କରିବା ସହିତ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା କରିବାକୁ ମତପ୍ରକାଶ ପାଉଛି।

### ନାବାଳିକା...

ଉଲ୍ଲେଖଯୋଗ୍ୟ ଯେ, ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବା ପରେ ମହିଳା ଏବଂ ଶିଶୁଙ୍କ ବିରୋଧରେ ଘଟୁଥିବା ଅପରାଧର ଦ୍ରୁତ ବେଗରେ ତଦନ୍ତ ଏବଂ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଦଣ୍ଡାଦେଶ ହାର ମଧ ବୃଦ୍ଧି ପାଇଛି।

ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବରଗଡ଼ ଜିଲ୍ଲା ଏସପିଙ୍କ ସମେତ ସରକାରୀ ଓକିଲ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବାପରେ ଦ୍ରୁତ ତଦନ୍ତ ଓ କମ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି।

## ଡେଟିଂ ଆପ୍‌ରେ କୋଟି କୋଟି ଟଙ୍କା ଠକେଇ

**ନୂଆଦିଲ୍ଲୀ,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯଦି ଆପଣ ମୋବାଇଲ୍ ଡେଟିଂ ଆପ୍ ମାଧ୍ୟମରେ ନୂତନ ସମ୍ପର୍କ ଖୋଜୁଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ଏକ ସତର୍କବାଣୀ। ଡିଜିଟାଲ୍ ବନ୍ଧୁତା, ବିଶ୍ୱାସ ଏବଂ ଭାବନାର ଆଳ ଦେଖାଇ, ଏକ ସଂଗଠିତ ସାଇବର ଠକେଇ ରାକେଟ ସାରା ଦେଶରେ କାର୍ଯ୍ୟ କରୁଥିଲା, ଯାହା ଶହଶହ ଲୋକଙ୍କୁ ସେମାନଙ୍କ ଜୀବନର ସଞ୍ଚୟ ହରାଇବାକୁ ବାଧ କରୁଥିଲା।

ଏକ ବଡ଼ ଏବଂ ସୁଚିନ୍ତିତ ଅଭିଯାନରେ, ମହାରାଷ୍ଟ୍ର ପୁଲିସ ମୁମ୍ବାଇ ସଂଲଗ୍ନ ମୀରା ରୋଡ୍ ଅଞ୍ଚଳରେ ଏହି ହାଇ-ପ୍ରୋଫାଇଲ୍ ସାଇବର ଠକେଇ ଗ୍ୟାଙ୍ଗକୁ ଠାବ କରିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ଏହି ଗ୍ୟାଙ୍ଗ ଅତି କମରେ ୧୧ଟି ରାଜ୍ୟରେ ୫୧ଟି ମାମଲା କରିଛି। ଯେତେବେଳେ ପୁଲିସ ସନ୍ଦେହ କରୁଛି ଯେ ପ୍ରକୃତ ପୀଡିତଙ୍କ ସଂଖ୍ୟା ୪୫୦ ରୁ ୫୦୦ ମଧ୍ୟରେ ହୋଇପାରେ। ଠକେଇର ଆନୁମାନିକ ପରିମାଣ ୨୦୦ କୋଟି ଟଙ୍କାରୁ ଅଧିକ ବୋଲି କୁହାଯାଉଛି।

ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତମାନେ ଲୋକଙ୍କୁ ଟାର୍ଗେଟ କରିବା ପାଇଁ ଏକ ଅତ୍ୟନ୍ତ ଚତୁର ଏବଂ ମନସ୍ତାତ୍ତ୍ୱିକ ପଦ୍ଧତି ବ୍ୟବହାର କରିଥିଲେ। ସେମାନେ ପ୍ରଥମେ ଡେଟିଂ ଏବଂ ବୈବାହିକ ୱେବସାଇଟରେ ଆକର୍ଷଣୀୟ, ନକଲି ପ୍ରୋଫାଇଲ୍ ତିଆରି କରି ବନ୍ଧୁତା ସ୍ଥାପନ କରିଥିଲେ। ତା'ପରେ, ସେମାନେ ଧୀରେ ଧୀରେ ସେମାନଙ୍କର ଭାବପ୍ରବଣ ସମ୍ପର୍କକୁ ମଜବୁତ କରିଥିଲେ, ତା'ପରେ, ସେହି ବିଶ୍ୱାସକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରି, ସେମାନେ ନିବେଶ ନାମରେ ଏକ ଫାଶ ବିଛାଇଥିଲେ।

ଶେୟାର ବଜାର, ସୁନା ବାଣିଜ୍ୟ ଏବଂ ଫରେକ୍ସ ବାଣିଜ୍ୟରେ ଶୀଘ୍ର ଏବଂ ନିଶ୍ଚିତ ଲାଭର ଦାବି କରାଯାଇଥିଲା। ଏହାକୁ ହାସଲ କରିବା ପାଇଁ, ଏହି ଗ୍ୟାଙ୍ଗ ଅନେକ ନକଲି, କିନ୍ତୁ ବୃତ୍ତିଗତ ଦେଖାଯାଉଥିବା ନିବେଶ ୱେବସାଇଟ୍ ତିଆରି କରିଥିଲା। ଏହି ୱେବସାଇଟ୍‌ଗୁଡ଼ିକୁ ଇନଷ୍ଟାଗ୍ରାମ୍ ଏବଂ ଫେସବୁକ୍ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ବ୍ୟାପକ ଭାବରେ ପ୍ରଚାର କରାଯାଇଥିଲା। ଜଣେ ପୀଡିତ ଏହି ୱେବସାଇଟ୍ ଗୁଡ଼ିକୁ ଟଙ୍କା ସ୍ଥାନାନ୍ତର କରିବା ପରେ, ପାଣ୍ଠି ସବୁଦିନ ପାଇଁ ଅଦୃଶ୍ୟ ହୋଇଗଲା। ତଦନ୍ତରୁ ଏହା ମଧ ଜଣାପଡିଛି ଯେ ଠକେଇ ପାଣ୍ଠିକୁ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ବିଦେଶକୁ ସ୍ଥାନାନ୍ତର କରାଯାଇଥିଲା।

ଏହି ସମ୍ପୂର୍ଣ୍ଣ ନେଟୱାର୍କ ବହୁ ଦିନ ଧରି ସକ୍ରିୟ ଥିଲା। ପୁଲିସକୁ ଏଡ଼ାଇବା ପାଇଁ, ଅଭିଯୁକ୍ତମାନେ ନିରନ୍ତର ସ୍ଥାନ ପରିବର୍ତ୍ତନ କରୁଥିଲେ। ତଥାପି, ନଭେମ୍ବର ୧୨ତାରିଖରେ, ମୀରା ରୋଡ୍ ହାଇୱେର ଏକ ହୋଟେଲରେ ଠକେଇ କାର୍ଯ୍ୟକଳାପ ବିଷୟରେ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ, ପୁଲିସ ହୋଟେଲରେ ଚଢାଉ କରିଥିଲା ଏବଂ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଧରିଥିଲା। ଚଢାଉ ସମୟରେ, ପୁଲିସ ଅନେକ ଲାପଟପ୍, ମୋବାଇଲ୍ ଫୋନ୍, ଶହ ଶହ ସିମ୍ କାର୍ଡ ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ପଚରାଉଚରାରୁ ଜଣାପଡିଛି ଯେ ସମସ୍ତ ଅଭିଯୁକ୍ତ ଶିକ୍ଷିତ, ଟେକ୍ନୋଲୋଜି-ସାଭି ଏବଂ ସୋସିଆଲ ମିଡିଆର ବିଶେଷଜ୍ଞ।

## ୮ଟି ସ୍ଥାନକୁ ବୋମା ବିସ୍ଫୋରଣ ଧମକ

**ନୂଆଦିଲ୍ଲୀ,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଦେଶର ବିଭିନ୍ନ ସ୍ଥାନରେ ଚାଞ୍ଚଲ୍ୟ ଖେଳିଯାଇଛି। ଗୋଟେ କି ଦୁଇଟି ନୁହେଁ ୭ରୁ ଅଧିକ ସ୍ଥାନକୁ ବୋମାରେ ଉଡାଇ ଦେବାକୁ ମିଳିଛି ଧମକ। ଯେଉଁଥିରେ ରହିଛି କୋର୍ଟ, ରେଳଷ୍ଟେସନ। ଏହି ସବୁ ଧମକ ମିଳିଛି ଉତ୍ତରପ୍ରଦେଶ ଓ କର୍ଣ୍ଣାଟର ବିଭିନ୍ନ କୋର୍ଟ ଓ ରେଳଷ୍ଟେସନକୁ। ଗୁଜୁରାଟ ହାଇକୋର୍ଟ ଏବଂ ପାଞ୍ଚଟି ସ୍ଥାନୀୟ କୋର୍ଟକୁ ଆରଡିଏକ୍ସ ବୋମା ବିସ୍ଫୋରଣର ଧମକ ମିଳିଥିଲା। ଆନନ୍ଦ, ରାଜକୋଟ, ଅହମଦାବାଦ ଏବଂ ଭରୁଚରେ ଥିବା ସେସନ୍ସ କୋର୍ଟଗୁଡ଼ିକୁ ସମାନ ଇମେଲ୍ ମିଳିଥିଲା।



ତଥାପି, ବମ୍ ସ୍କ୍ୱାଡ୍ କୋର୍ଟରେ ତଦନ୍ତ କରିବା ସମୟରେ କିଛି ସନ୍ଦେହଜନକ ମିଳିଲା ନାହିଁ। ପୋଲିସ ଅନୁଯାୟୀ ଲିବରେସନ୍ ଟାଇଗର୍ସ ଅଫ୍ ନାମରେ ଧମକ ମିଳିଛି। ମଙ୍ଗଳବାର ସକାଳେ ଉତ୍ତର ପ୍ରଦେଶର ମଉ ରେଳ ଜଙ୍କସନରେ କାଶୀ ଏକ୍ସପ୍ରେସକୁ ବୋମା ଧମକ ମିଳିଥିଲା। ଏହା ପରେ, ଟ୍ରେନକୁ ଷ୍ଟେସନରେ ଅଟକାଇ ଯାତ୍ରୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ଓହ୍ଲାଇ ଦିଆଯାଇଥିଲା। ଯେଉଁ ଯେଉଁ ସ୍ଥାନକୁ ଧମକ ମିଳିଛି ସେସବୁ ସ୍ଥାନକୁ ସମ୍ପୂର୍ଣ୍ଣ ଖାଲି କରାଯାଇଛି। ସେପଟେ ରେଳଷ୍ଟେସନରେ ସ୍ନିପର ଡଗ ସହ ଛାନଭିନ କରିଛି ପୁଲିସ। ବୋମା ନିଷ୍କ୍ରିୟ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ ବି କିଛି ମିଳିନାହିଁ। ତେବେ କେଉଁଠୁ ଆସିଥିଲା ଧମକ ପୂର୍ଣ୍ଣ କଲ ଏନେଇ ଛାନଭିନ ଚାଲିଛି। ସେପଟେ କେରଳର ଏକ ସ୍କୁଲ ପାଖରୁ ୧୦ଟି ଜୀବନ୍ତ ବୋମା ଜବତ କରାଯାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ    Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ